# NATIONAL NEWS BULLETIN (ODIA)

## 19 December - 2024

## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ବିଶ୍ୱରେ ଶାନ୍ତି, ନିରାପତ୍ତା ଓ ସ୍ଥିରତା ବଜାୟ ରଖିବା ଲାଗି ମିଳିତ ପ୍ରଚେଷ୍ଟା କରିବା ଦିଗରେ ଭାରତ ଓ ନେଦରଲ୍ୟାଣ୍ଡ ନିଜର ପ୍ରତିଶ୍ରୁତିବଦ୍ଧତା ଦୋହରାଇଛନ୍ତି ।
- ଜାମ୍ମୁ କାଶ୍ମୀରର ନିରାପତ୍ତା ସମ୍ପର୍କରେ ଆଜି ନୂଆଦିଲ୍ଲୀ ଠାରେ ଏକ ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା କରିବେ ସ୍ୱରାଷ୍ଟ୍ରମନ୍ତ୍ରୀ ।
- ସରକାର କହିଛନ୍ତି, ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ଲାଗି ଭାରତ ହେଉଛି ବିଶ୍ୱର ଶ୍ରେଷ୍ଠ ସୁରକ୍ଷିତ ଦେଶ ।
- ଭାରତ-ଚୀନ୍ ୨୩ତମ ସ୍ୱତନ୍ତ୍ର ପ୍ରତିନିଧି ସ୍ତରୀୟ ବୈଠକ ଗତକାଲି ବେଜିଂ ଠାରେ ଅନୁଷ୍ଠିତ ।

ଏବଂ

- ମୁମ୍ବାଇ ନିକଟରେ ଏକ ବୋଟ୍ ଦୁର୍ଘଟଣାରେ ୧୩ ଜଣଙ୍କର ମୃତ୍ୟୁ ।

– ମୃତକଙ୍କ ପରିବାର ପ୍ରତି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ୭ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ମୂଳକ ସହାୟତା ରାଶି ଘୋଷଣା ।

# ପିଏମ୍-ନେଦରଲ୍ୟାଣ୍ଡସ୍

ବିଶ୍ୱରେ ଶାନ୍ତି, ନିରାପତ୍ତା ଓ ସ୍ଥିରତା ବଜାୟ ରଖିବା ଲାଗି ମିଳିତ ପ୍ରଚେଷ୍ଟା କରିବା ଦିଗରେ ଭାରତ ଓ ନେଦରଲ୍ୟାଣ୍ଡ ନିଜର ପ୍ରତିଶ୍ରୁତିବଦ୍ଧତା ଦୋହରାଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତକାଲି ତାଙ୍କର ନେଦରଲ୍ୟାଣ୍ଡ ପ୍ରତିପକ୍ଷ ଡିକ୍ ଶ୍ଚଫ୍ଙ୍କ ସହିତ ବିଭିନ୍ନ କ୍ଷେତ୍ରରେ ଦ୍ୱିପକ୍ଷିୟ ସହଯୋଗକୁ ଅଧିକ ସଶକ୍ତ କରିବା ଦିଗରେ କରିଥିବା ଆଲୋଚନାରୁ ଏହା ଜଣାପଡ଼ିଛି । ନେଦରଲ୍ୟାଣ୍ଡ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ସହିତ ଟେଲିଫୋନ୍ ଯୋଗେ ଏହି ଆଲୋଚନା କରିଛନ୍ତି । ଭାରତ ଓ ନେଦରଲ୍ୟାଣ୍ଡ ମଧ୍ୟରେ ଥିବା ଏହି ଭାଗିଦାରୀ ଗଣତନ୍ତ୍ର ଏବଂ ସୁ-ଶାସନରେ  ବିଶ୍ୱାସ କରେ ବୋଲି ଉଭୟ ନେତା ସହମତ ହୋଇଛନ୍ତି । ପ୍ରତିରକ୍ଷା, ବାଣିଜ୍ୟ, ନିରାପତ୍ତା, ଅଭିନବତା ସେମିକଣ୍ଡକ୍ଟର, ସ୍ୱାସ୍ଥ୍ୟ, କୃଷି ଓ ସବୁଜ ହାଇଡ୍ରୋଜେନ୍ ଭଳି ବିବିଧ କ୍ଷେତ୍ରରେ ଏକ ଆପୋଷ ସ୍ୱାର୍ଥ ଜଡ଼ିତ ରଣନୈତିକ  କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିବା ଉପରେ ଉଭୟ ନେତା ଗୁରୁତ୍ୱାରୋପ କରିଛନ୍ତି । ଏତଦ୍‌ବ୍ୟତୀତ ଶିକ୍ଷା, ସଂସ୍କୃତି ଏବଂ ଜନସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଉପରେ ପଦକ୍ଷେପ ନେବାକୁ ସେମାନେ ସହମତ ହୋଇଛନ୍ତି । ଏହି ଆଲୋଚନା କାଳରେ ଉଭୟ ନେତା ବିଭିନ୍ନ ଆଞ୍ଚଳିକ ତଥା ବୈଶ୍ୱିକ ସମସ୍ୟା ଉପରେ ମତ ବିନିମୟ କରିଛନ୍ତି ।

# ଅମିତ ଶାହା-ମିଟିଂ

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜି ନୂଆଦିଲ୍ଲୀ ଠାରେ ଏକ ଉଚ୍ଚସ୍ତରୀୟ ବୈଠକରେ ନିରାପତ୍ତା ସମ୍ପର୍କରେ ସମୀକ୍ଷା କରିବେ । ଏହି ବୈଠକରେ ସ୍ୱତନ୍ତ୍ର ଭାବେ ଜାମ୍ମୁ କାଶ୍ମୀରରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ଦିଗରେ ନିଆଯାଉଥିବା ରଣନୈତିକ କାର୍ଯ୍ୟଖସଡ଼ାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯିବ । ଏଥିରେ ଜାମ୍ମୁ କାଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ୍, କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ ଗୋବିନ୍ଦ ମୋହନ, ସେନାଧ୍ୟକ୍ଷ  ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ, କେନ୍ଦ୍ରୀୟ ସଶସ୍ତ୍ର ପୁଲିସ୍ ବାହିନୀର ମହାନିର୍ଦ୍ଦେଶକ, ଜାମ୍ମୁ କାଶ୍ମୀରର ମୁଖ୍ୟ ଶାସନ ସଚିବ ଓ ପୁଲିସ୍ ମହାନିର୍ଦ୍ଦେଶକଙ୍କ ସମେତ ବହୁ ବରିଷ୍ଠ  ପୁଲିସ୍ ଓ ସେନା ଅଧିକାରୀ ଯୋଗଦେବେ । ଜାମ୍ମୁ କାଶ୍ମୀରର ନିରାପତ୍ତା ସମ୍ପର୍କରେ ପୂର୍ବରୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଶାହା ଜୁନ୍ ୧୬ ତାରିଖ ଦିନ ଦିଲ୍ଲୀରେ ଅନୁରୂପ ଏକ ବୈଠକରେ ସମୀକ୍ଷା କରିଥିଲେ ।

# କ୍ୟୁରିୟାନ୍

ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ଲାଗି ଭାରତ ବିଶ୍ୱର  ଶ୍ରେଷ୍ଠ ସୁରକ୍ଷିତ ଦେଶ ବୋଲି ସଂଖ୍ୟାଲଘୁ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଜର୍ଜ କ୍ୟୁରିୟାନ୍ କହିଛନ୍ତି । ଗତକାଲି ସଂଖ୍ୟାଲଘୁ ଅଧିକାର ଦିବସ ଅବସରରେ ନୂଆଦିଲ୍ଲୀ ଠାରେ

ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଶ୍ରୀ କ୍ୟୁରିୟାନ୍ କହିଛନ୍ତି, ଭାରତର 'ବସୁଧୈବ କୁଟୁମ୍ବକମ୍' ସଂସ୍କୃତି ସମଗ୍ର ବିଶ୍ୱକୁ ନିଜ ପରିବାର ମନେ କରେ । ଏଥିସହିତ ଦେଶରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ସମାନ ଅଧିକାର ଓ ସୁଯୋଗ ମଧ୍ୟ ସୁନିଶ୍ଚିତ କରାଯାଇଥାଏ । ସମ୍ପ୍ରତି ପାଲି ଓ ପ୍ରକୃତି ଭାଷାକୁ ଶାସ୍ତ୍ରୀୟ ଭାଷା ତାଲିକାରେ ସ୍ଥାନିତ କରିବା ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି । ଏହାଦ୍ୱାରା ଭାଷାଗତ ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କୁ ସଶକ୍ତ କରିବା ଦିଗରେ ସରକାରଙ୍କ ପ୍ରତିଶ୍ରୁତିବଦ୍ଧତା ପ୍ରତିଫଳିତ ହେଉଛି ବୋଲି ଶ୍ରୀ କ୍ୟୁରିୟାନ କହିଛନ୍ତି ।

## ଶିବରାଜ ସିଂହ ଚୌହାନ

ଦେଶର ଗ୍ରାମାଞ୍ଚଳ ଲୋକଙ୍କର ଜୀବନଶୈଳୀରେ ସ୍ଥିରତା ଆଣିବା ସହ ଏହାକୁ ଅଧିକ ସଶକ୍ତ କରିବା ଦିଗରେ ମହାତ୍ମା ଗାନ୍ଧି ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟି ଯୋଜନାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଗତକାଲି ନୂଆଦିଲ୍ଲୀ ଠାରେ ଏହି ଯୋଜନାର ହିତାଧିକାରୀ, ଦେଶବ୍ୟାପି ବିଭିନ୍ନ ରାଜ୍ୟ, ଜିଲ୍ଲା, ବ୍ଲକ୍ ତଥା ଗ୍ରାମପଞ୍ଚାୟତର ବିଭାଗୀୟ ଅଧିକାରୀଙ୍କ ସମେତ ବିଭିନ୍ନ ପକ୍ଷଙ୍କ ସହିତ ଆଲୋଚନା ସମୟରେ କେନ୍ଦ୍ର ଗ୍ରାମିଣ ବିକାଶ ତଥା କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଏହା

କହିଛନ୍ତି । ସେ କହିଛନ୍ତି, ଏହି କେନ୍ଦ୍ରୀୟ ଯୋଜନାର ପାଣ୍ଠିର ଉପଯୁକ୍ତ ବିନିଯୋଗ କରାଯାଇ ଗରିବ ଲୋକଙ୍କୁ ଏହାର ସୁଫଳ କିଭଳି ମିଳିପାରିବ ସେ ଦିଗରେ ପ୍ରତ୍ୟେକ ପକ୍ଷ ଆବଶ୍ୟକ ପଦକ୍ଷେପ ନେବା ଉଚିତ । ଏହି ଯୋଜନାକୁ କିଭଳି ଅଧିକ ପ୍ରଭାବିତ କରାଯିବା ସହିତ ସୁଯୋଗ ସୃଷ୍ଟି ହୋଇପାରିବ ସେ ଦିଗରେ ଏହି ବୈଠକରେ ଆଲୋଚନା କରାଯାଇଛି ।

# ଜେପିସି

ଏକ ଦେଶ, ଏକ ନିର୍ବାଚନ ସମ୍ପର୍କିତ ସଂସଦୀୟ ବିଲ୍ ଉପରେ ଅଧିକ ତର୍ଜମା କରିବା ଲାଗି ଯୁଗ୍ମ ସଂସଦୀୟ କମିଟି ଗଠନ କରାଯାଇଛି । ଏହି କମିଟିରେ ମୋଟ୍ ୩୧ ଜଣ ସାଂସଦଙ୍କ ମଧ୍ୟରୁ ଲୋକସଭାରୁ ୨୧ ଓ ରାଜ୍ୟସଭାରୁ ୧୦ ଜଣ ସାଂସଦ ସ୍ଥାନ ପାଇଛନ୍ତି । ଏହି ପ୍ରମୁଖ ସାଂସଦଙ୍କ ମଧ୍ୟରେ ବିଜେପିର ଅନୁରାଗ ସିଂହ ଠାକୁର, ପୁରୁଷୋତ୍ତମ ଭାଇ ରୁପାଲା, କଂଗ୍ରେସର ପ୍ରିୟଙ୍କା ଗାନ୍ଧି, ମନିଶ ତିୱାରୀ, ତୃଣମୂଳ କଂଗ୍ରେସର କଲ୍ୟାଣ ବାନାର୍ଜୀ, ଏନ୍.ସି.ପି.-ଏସ୍.ପି.ର ସୁପ୍ରିୟା ସୁଲେ ଅନ୍ତର୍ଭୁକ୍ତ ।

# ଭାରତ-ଚୀନ୍

ଭାରତ-ଚୀନ୍ ମଧ୍ୟରେ ୨୩ତମ ସ୍ୱତନ୍ତ୍ର ପ୍ରତିନିଧି ସ୍ତରୀୟ ବୈଠକ ଗତକାଲି ବେଜିଂ ଠାରେ ଅନୁଷ୍ଠିତ ହୋଇଯାଇଛି । ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ୍ ନେଇଥିବା ବେଳେ ଚୀନ୍‌ର ନେତୃତ୍ୱ ନେଇଥିଲେ ପ୍ରତିରକ୍ଷା ମନ୍ତ୍ରୀ ୱାଙ୍ଗ୍ ୟି । ସମ୍ପ୍ରତି ବ୍ରିକ୍ସ ସମ୍ମିଳନୀ ଅବସରରେ ଗତ ଅକ୍ଟୋବର ୨୪ ତାରିଖରେ ରୁଷର କାଜାନ୍ ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ୍‌ଙ୍କ ମଧ୍ୟରେ ହୋଇଥିବା ଆଲୋଚନା ଭିତ୍ତିରେ ଏହି ସ୍ୱତନ୍ତ୍ର ପ୍ରତିନିଧି ସ୍ତରୀୟ ବୈଠକ ଗତକାଲି ଅନୁଷ୍ଠିତ ହୋଇଛି । ଏହି ବୈଠକରେ ଦୁଇ ଦେଶର ସୀମା ନିକଟରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ସହ ସୀମା ସମ୍ପର୍କିତ ସମସ୍ୟାର ଏକ ଆପୋଷ ଗ୍ରହଣୀୟ ଯୋଗ୍ୟ ନ୍ୟାୟୋଚିତ୍ତ ସମାଧାନ ଉପରେ ଦ୍ୱିପକ୍ଷିୟ ସହମତ ହୋଇଛନ୍ତି । ଏହାଛଡ଼ା ଭାରତ-ଚୀନ୍ ଦ୍ୱିପକ୍ଷିୟ ସମ୍ପର୍କକୁ ଅଧିକ ସଶକ୍ତ କରିବା ଉପରେ ଦୁଇ ଦେଶ ଗୁରୁତ୍ୱାରୋପ କରିଛନ୍ତି । ଏହି ଅବସରରେ ଶ୍ରୀ ଡୋଭାଲ୍ ଓ ଶ୍ରୀ ୱାଙ୍ଗ୍ ବିଭିନ୍ନ ଦ୍ୱିପାକ୍ଷିୟ, ଆଞ୍ଚଳିକ ତଥା ଆପୋଷ ସ୍ୱାର୍ଥ ଜଡ଼ିତ ବିଶ୍ୱସ୍ତରୀୟ ସମସ୍ୟା ଉପରେ ମଧ୍ୟ ଆଲୋଚନା କରିଛନ୍ତି । ଏହି ଅବସରରେ କୈଳାସ ମାନସରୋବର ଯାତ୍ରାକୁ ପୁନର୍ବାର ଆରମ୍ଭ କରିବା ଲାଗି ମଧ୍ୟ

ସେମାନେ ସହମତ ହୋଇଛନ୍ତି । ସେହିଭଳି ସୀମା ସମ୍ପର୍କିତ ବିଭିନ୍ନ ତଥ୍ୟ ଆଦାନପ୍ରଦାନ କରିବା ଉପରେ ମଧ୍ଯ ଦୁଇ ନେତା ଗୁରୁତ୍ୱାରୋପ କରିଛନ୍ତି ।

୨୦୨୦ ମସିହାରେ ଭାରତ-ଚୀନ୍ ସୀମା ଅଞ୍ଚଳର ପଶ୍ଚିମାଞ୍ଚଳ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦେଖାଦେବା ପରଠାରୁ ଏହା ହେଉଛି ପ୍ରଥମ ପ୍ରତିନିଧିସ୍ତରୀୟ ଆଲୋଚନା । ଏହି ଆଲୋଚନାର ଶେଷ ବୈଠକ ୨୦୧୯ ମସିହାରେ ଦିଲ୍ଲୀ ଠାରେ ଅନୁଷ୍ଠିତ ହୋଇଥିଲା । ଏହି ଗସ୍ତ ଅବସରରେ ଶ୍ରୀ ଡୋଭାଲ୍ ଚୀନ୍‌ର ଉପରାଷ୍ଟ୍ରପତି ହାନ୍ ଝେ ଙ୍କ ସହିତ ଆଲୋଚନା କରିଛନ୍ତି ।

## ମୁମ୍ବାଇ-ବୋଟ୍

ମୁମ୍ବାଇ ନିକଟରେ ଗତ ସନ୍ଧ୍ୟାରେ ଏକ ବୋଟ୍ ଦୁର୍ଘଟଣାରେ ୧୩ ଜଣଙ୍କର ମୃତ୍ୟୁ ହୋଇଛି । ଏ ସମ୍ପର୍କରେ ନାଗପୁର ଠାରେ ଗଣମାଧ୍ୟମକୁ ସୂଚନା ଦେଇ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ଣାବିସ୍ କହିଛନ୍ତି, ଏକ ଘରୋଇ ବୋଟ୍ ରାୟଗଡ଼ ଜିଲ୍ଲାର ଏଲିଫାଣ୍ଟା ଗୁମ୍ଫା ଆଡ଼କୁ ଅଗ୍ରସର ହେବା ସମୟରେ ଉରାନ୍ ଠାରେ ନୌସେନାର ଏକ ବୋଟ୍ ନିୟନ୍ତ୍ରଣ ହରାଇ ଏହାକୁ ଧକ୍କା ଦେବା ଫଳରେ ଏଭଳି ଦୁର୍ଘଟଣା ଘଟିଛି । ମୃତକଙ୍କ ମଧ୍ୟରୁ ୩ ଜଣ ନୌସେନା କର୍ମଚାରୀ ହୋଇଥିବା ବେଳେ ବାକି ୧୦ ଜଣ

ସାଧାରଣ ନାଗରିକ ବୋଲି ଶ୍ରୀ ଫଡ଼ଣାବିସ୍ କହିଛନ୍ତି । ସେ କହିଛନ୍ତି, ଆହତମାନଙ୍କୁ ସ୍ଥାନୀୟ ନୌସେନା ହସ୍ପିଟାଲ୍‌ରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଛି । ଏହି ଘଟଣାରେ ଦୁଃଖ ପ୍ରକାଶ କରିବା ସହିତ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଶ୍ରୀ ଫଡ଼ଣାବିସ୍ ମୃତକଙ୍କ ପରିବାର ଲାଗି ୫ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ମୂଳକ ସହାୟତା ଘୋଷଣା କରିଛନ୍ତି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁମ୍ବାଇ ବୋଟ୍ ଦୁର୍ଘଟଣାରେ ଦୁଃଖ ପ୍ରକାଶ କରିବା ସହିତ ମୃତକଙ୍କ ପରିବାରବର୍ଗ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି । ଏହାଛଡ଼ା ଶ୍ରୀମତୀ ମୁର୍ମୁ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଆହତମାନଙ୍କର ମଧ୍ୟ ଆଶୁଆରୋଗ୍ୟ କାମାନା କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏହି ଘଟଣାରେ ଦୁଃଖ ପ୍ରକାଶ କରିବା ସହିତ ପ୍ରଭାବିତଙ୍କୁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହାଛଡ଼ା ଶ୍ରୀ ମୋଦୀ ଜାତୀୟ ରିଲିଫ୍ ପାଣ୍ଠିରୁ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏଁ ଏବଂ ଆହତଙ୍କ ୫୦ ହଜାର ଟଙ୍କା ଲେଖାଏଁ ଅନୁକମ୍ପା ମୂଳକ ସହାୟତା ଘୋଷଣା କରିଛନ୍ତି ।

ଏହି ଘଟଣାରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ମଧ୍ୟ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ଇତିମଧ୍ୟରେ ସ୍ଥାନୀୟ କୋଲାବା ଥାନାରେ ସମ୍ପୃକ୍ତ ନୌସେନା ବୋଟ୍‌ର ଡ୍ରାଇଭର ଏବଂ ଅନ୍ୟ କେତେକଙ୍କ ବିରୁଦ୍ଧରେ ଏହି ମାମଲାରେ ଏଫ୍.ଆଇ.ଆର୍. ଦାଖଲ କରାଯାଇଛି ।

# ବାହାରିନ୍-ଇଣ୍ଡିଆନ୍ ଫିସର୍‌ମ୍ୟାନ୍

ଭାରତର ସଫଳ କୂଟନୀତି ପ୍ରୟାସ ଯୋଗୁଁ ତାମିଲନାଡୁର ତିରୁନେଲ୍‌ଭେଲି ଜିଲ୍ଲାର ୨୮ ଜଣ ମତ୍ସ୍ୟଜୀବୀଙ୍କୁ ବାହାରିନ୍‌ରୁ ମୁକ୍ତ କରାଯାଇଛି । ଗତ ସେପ୍ଟେମ୍ବର ମାସରେ ଏହି ମତ୍ସ୍ୟଜୀବୀମାନେ ବେଆଇନ୍ ଭାବେ ବାହାରିନ୍ ଜଳସୀମାରେ ପ୍ରବେଶ କରିଥିଲେ ଏବଂ ସେମାନଙ୍କୁ ବାହାରିନ୍ ଅଦାଲତ ୬ ମାସ କାରାଦଣ୍ଡ ଆଦେଶ ଦେଇଥିଲେ । ତେବେ ସେଠାରେ ଥିବା ଭାରତୀୟ ଦୂତାବାସ ପକ୍ଷରୁ ଉଭୟ କୂଟନୀତି ତଥା ନ୍ୟାୟିକ ପ୍ରୟାସା ମାଧ୍ୟମରେ ତିନି ମାସ ପୂର୍ବରୁ ଏହି ମତ୍ସ୍ୟଜୀବୀମାନଙ୍କୁ ସେଠାରୁ ମୁକ୍ତ କରାଯାଇଛି । ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କ ଗତ ୭ ତାରିଖରୁ ତିନି ଦିନିଆ ବାହାରିନ୍ ଗସ୍ତ ଅବସରରେ ସେଠାକାର ପ୍ରତିରକ୍ଷା ମନ୍ତ୍ରୀଙ୍କ ସହିତ ଏହି ମତ୍ସ୍ୟଜୀବୀମାନଙ୍କର ମୁକ୍ତି ସମ୍ପର୍କରେ ଆଲୋଚନା କରିଥିଲେ । ମତ୍ସ୍ୟଜୀବୀମାନଙ୍କୁ ନିର୍ଦ୍ଧାରିତ ସମୟ ପୂର୍ବରୁ ମୁକ୍ତ କରାଯାଇଥିବାରୁ ସେଠାରେ ଥିବା ଭାରତୀୟ ରାଷ୍ଟ୍ରଦୂତ ବିନୋଦ କେ. ଜାକବ୍ ବାହାରିନ୍ ସରକାରଙ୍କ ପ୍ରତି କୃତଜ୍ଞତା ଜଣାଇଛନ୍ତି ।

## ମହିଳା କ୍ରିକେଟ୍

ମହିଳା କିକେଟ୍‌ରେ ଭାରତ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଚାଲିଥିବା ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ ସିରିଜ୍‌ର ତୃତୀୟ ତଥା ଅନ୍ତିମ ମ୍ୟାଚ୍ ଆଜି ଖେଳାଯିବ । ଭାରତୀୟ ସମୟ ସନ୍ଧ୍ୟା ୭ଟା ସମୟରେ ଏହି ମ୍ୟାଚ୍ ନାଭି ମୁମ୍ବାଇ ସ୍ଥିତ ଡି.ୱାଇ. ପାଟିଲ୍ କ୍ରୀଡ଼ା ଏକାଡେମୀରେ ଆରମ୍ଭ ହେବ । ପ୍ରଥମ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍ ଓ ଦ୍ୱିତୀୟ ଭାରତ ଜିତି ଫଳରେ ବର୍ତ୍ତମାନ ସୁଦ୍ଧା ଏହି ସିରିଜ୍ ୧-୧ରେ ବରାବର ରହିଛି ।

## ଭାରୋତ୍ତଳନ ଚାମ୍ପିୟନ୍‌ସିପ୍

ଏସୀୟ ଯୁବ ଏବଂ ଜୁନିୟର୍ ଭାରୋତ୍ତଳନ ଚାମ୍ପିୟନ୍‌ସିପ୍ ୨୦୨୪ ଆଜିଠାରୁ କାତାରର ଦୋହାଠାରେ ଆରମ୍ଭ ହେବ । ଉଭୟ ଜୁନିୟର୍ ଓ ଯୁବବର୍ଗରେ ୨୦ଟି ଲେଖାଏଁ ବର୍ଗରେ ଏହି ଚାମ୍ପିୟାନ୍‌ସିପ୍ ଖେଳାଯିବ । ଏଥିରେ ଭାଗ ନେବା ଲାଗି ଏକ ୨୮ ଜଣିଆ ଭାରତୀୟ ଦଳ ସେଠାରେ ପହଞ୍ଚିଛନ୍ତି । ଜୁନିୟର୍ ବର୍ଗରେ ୧୫ ଜଣ ଏବଂ ଯୁବବର୍ଗରେ ଦେଶର ୧୩ ଜଣ ଭାରୋତ୍ତଳନକାରୀ ଏହି ପ୍ରତିଯୋଗିତାରେ ସାମିଲ ହୋଇଛନ୍ତି ।